# "ନିମ୍ବ" ତେଲ ଉଦ୍ୟୋଗ

ସାରା ବିଶ୍ୱରେ 'ନିମ୍ବବୃକ୍ଷ' ଆଜି ଏକ ଅମୂଲ୍ୟ ସମ୍ପଦ ହିସାବରେ ପରିଗଣିତ ହେଉଛି । ଏହା ଆନ୍ଧ୍ରପ୍ରଦେଶ, ଓଡ଼ିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ, ରାଜସ୍ଥାନ ତଥା ପଶ୍ଚିମ ବଙ୍ଗରେ ବହୁଳ ଭାବରେ ଦେଖାଯାଏ । ବିଭିନ୍ନ ସ୍ଥାନରେ 'ନିମ୍ବ' ବୃକ୍ଷକୁ ମଧ ଦେବତା ହିସାବରେ ପୂଜାର୍ଚ୍ଚନା କରାଯାଏ । ଓଡ଼ିଶାର ବଲାଙ୍ଗୀର, ନୂଆପଡ଼ା ଓ ମୟୂରଭଞ୍ଜ ଆଦି ଜିଲ୍ଲାମାନଙ୍କରେ ପ୍ରଚୁର ସଂଖ୍ୟାରେ ନିମ୍ବଗଛ ଦେଖାଯାଇଥାଏ । ନିମ୍ବଗଛର ବନୀକରଣ ଦ୍ୱାରା ମାଟି ଧୋଇହୋଇ ଯିବାରୁ ରକ୍ଷା କରାଯାଇପାରେ ଏବଂ ବନ୍ୟା ପ୍ରତିରୋଧ ମଧ ସହଜ ହୋଇଥାଏ । ଏହିଗଛ ଯେକୌଣସି ପ୍ରକାରର ମାଟି ଏବଂ ଜଳବାୟୁରେ ବଢ଼ିପାରେ । ବାୟୁମଣ୍ଡଳର ଉତ୍ତାପ ଦୂଷିତ ଜଳକୁ ଏହା ନିୟନ୍ତ୍ରଣ କରିବାରେ ସହଯୋଗ କରେ । ଏହି ବୃକ୍ଷର ଛାଲି, ପତ୍ର ତଥା ମଞ୍ଜି ପ୍ରତ୍ୟେକ ଅଂଶ ଆମର ଦୈନନ୍ଦିନ ଜୀବନର ବ୍ୟବହାରରେ ଆସିଥାଏ । ପ୍ରତ୍ୟେକ ପ୍ରକାରର ପ୍ରତିକୂଳ ପରିବେଶରେ ବଢ଼ିପାରୁଥିବା ନିମ୍ବଗଛର ବିଭିନ୍ନ ଔଷଧୀୟ ଗୁଣସହ ଜୈବ ରସାୟନ ଜଣିକା ଥାଏ, ଯାହା କ୍ଷତିକାରକ ଜୀବାଣୁ ଓ କୀଟ ନିୟନ୍ତ୍ରଣରେ ଖୁବ୍ ସହାୟକ ହୋଇଥାଏ । ଓଡ଼ିଶାରେ ପ୍ରଚୁର ନିମ୍ବମଞ୍ଜି ମିଳୁଥିଲେ ମଧ ଇଚ୍ଛାଶକ୍ତି ତଥା ଉତ୍ପାଦନ କୌଶଳର ଅଭାବ ଯୋଗୁଁ ଏଗୁଡ଼ିକ ଗାଁର ପ୍ରାଥମିକ ସଂଗ୍ରହକାରୀମାନେ ଖୁବ୍ କମ୍ ମୂଲ୍ୟରେ ସାହୁକାରମାନଙ୍କୁ ବିକ୍ରି କରିଦିଅନ୍ତି । ଏପରିକି ୫ କି.ଗ୍ରା. ନିମ୍ବମଞ୍ଜିର ମୂଲ୍ୟ ୪/୫ ଟଙ୍କା ହୋଇଥାଏ ।

ଆଜି ଆସନ୍ତୁ ନିମ୍ବ ମଞ୍ଜିକୁ ନେଇ କିପରି ଗାଁର ସ୍ୱୟଂ ସହାୟକ ଦଳ, ଦି ପଇସା ରୋଜଗାର କରିପାରିବା ସହ ସ୍ୱରୋଜଗାରୀ ହୋଇପାରିବ ସେ ବିଷୟରେ ଆଲୋଚନା କରିବା ।

**କଞ୍ଚାମାଲ :** ନିମ୍ବତେଲ ପ୍ରସ୍ତୁତି ପାଇଁ ନିମ୍ବ ମଞ୍ଜିକୁ କଞ୍ଚାମାଲ ହିସାବରେ ବ୍ୟବହାର କରାଯାଇଥାଏ । ନିମ୍ବମଞ୍ଜି ସମସ୍ତ ଜଙ୍ଗଲ କିମ୍ବା ଜମିର ଆଡ଼ି କିମ୍ବା ରାସ୍ତାକଡ଼ରେ ଥିବା ନିମ୍ବଗଛରୁ ହିଁ ପ୍ରାଥମିକ ସଂଗ୍ରହକାରୀମାନଙ୍କ ଜରିଆରେ ସଂଗ୍ରହ କରାଯାଇଥାଏ । ଅଧିକ ସଂଗ୍ରହକାରୀମାନଙ୍କ ଜରିଆରେ ଟି.ଡ଼ି.ସି.ସି. ସହ ଯୋଗାଯୋଗ କରାଯାଇପାରେ ।

**ଉତ୍ପାଦନ ପଦ୍ଧତି :** ନିମ୍ବମଞ୍ଜି ସାଧାରଣ ଭାବରେ ସଂଗ୍ରହ କରାଯାଉଥିବାରୁ ଏହାର ଅନେକ ଗୁଣାତ୍ମକ ମୂଲ୍ୟ ହ୍ରାସ ପାଉଛି, ତେଣୁ ଉଦ୍ୟୋଗୀବନ୍ଧୁମାନେ କଞ୍ଚାମାଲ କ୍ରୟ ସମୟରେ ନିମ୍ନ ବିଷୟ ପ୍ରତି ଦୃଷ୍ଟି ଦେବା ଦରକାର ।

- ପୂର୍ଣ୍ଣମାତ୍ରାରେ ପାଚଳ ହୋଇଥିବା ଅର୍ଥାତ୍ ହଳଦିଆ ହୋଇଥିବା ଫଳ କିଣିବା ଉଚିତ୍ ।
- ଖରାପ ମଞ୍ଜି ସହ ଭଲ ମଞ୍ଜି ମିଶା ନଯିବା ଉଚିତ୍ ।
- ମଞ୍ଜିଗୁଡ଼ିକ ଭଲ ଭାବରେ ଶୁଖିଥିବା ଦରକାର ।
- ମଞ୍ଜିଗୁଡ଼ିକ ପତଳା ଝୋଟ ତିଆରି ଅଖାରେ ସ୍ଥାନାନ୍ତରିତ ହେଉ ନଥିଲେ,ଏହାର ଗୁଣାତ୍ମକମାନ କମିଯାଏ ।

## ଉଦ୍ୟୋଗମାନେ କିପରି ଫଳରୁ ମଞ୍ଜି ବାହାର କରିବେ (କାରିଗରୀ କୌଶଳ)

- କ୍ରୟ କରାଯାଇଥିବା ଫଳକୁ ୧୨-୨୪ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖିବେ ।
- ଫଳଗୁଡ଼ିକ ଭଲଭାବେ ଭିଜିଲା ପରେ ଝୋଟ ଅଖା କିମ୍ବା ସଫା ବାଲିରେ ରଗଡ଼ି ସଫା କରିବେ ।
- ସଂଗୃହୀତ ମଞ୍ଜି ସାଧା ପାଣିରେ ଭଲ ଭାବେ ପରିଷ୍କାର କରିବେ ।
- ଫଳ ସଂଗ୍ରହର ୪୮ ଘଣ୍ଟା ମଧରେ ମଞ୍ଜି ସଂଗ୍ରହ ହେବା ଦରକାର ।

## ମଞ୍ଜି ଶୁଖାଇବା ପଦ୍ଧତି

- ଚୋପାଛଡ଼ା ମଞ୍ଜିକୁ ପତଳା ସ୍ତରରେ ବିଛାଇ ଶୁଖାଯିବା ଦରକାର ।
- ଭଲ ତେଲ ପାଇଁ ଅତି କମ୍‌ରେ ୩ ମାସ ସଂରକ୍ଷଣ କରି ରଖିବା ଦରକାର ।

## ମଞ୍ଜି ଗଚ୍ଛିତ ରଖିବା ପଦ୍ଧତି

- ଅତି ଥଣ୍ଡାରେ ମଞ୍ଜିକୁ ରଖିଲେ ତାର ଗୁଣାତ୍ମକ ମାନ କମିଯାଏ ଓ କୀଟ ଆକ୍ରମଣର ସଂଭାବନା ବଢ଼ିଯାଏ ।
- ଝୋଟ ବସ୍ତାରେ ଶୁଷ୍କ ପରିବେଶରେ ଭଣ୍ଡାର ଘରେ ରଖାଯିବା ଉଚିତ୍ ।
- ବଡ଼ ବଡ଼ ମାଟି ପାତ୍ରରେ ମଧ ଏହାକୁ ରଖାଯାଇପାରେ ।



ସଂଗୃହୀତ ସଫା ତଥା ଶୁଖିଲା ନିମ୍ବମଞ୍ଜିଗୁଡ଼ିକୁ ପ୍ରଥମେ ଓଜନ କରି ତେଲ ନିର୍ଗତ ଯନ୍ତ୍ର ମଧକୁ ଧୀରେ ଧୀରେ ପ୍ରବେଶ କରାଯାଇଥାଏ । ମୋଟର ଚାଲିବା ପରେ ମଞ୍ଜିରୁ ତେଲ ବାହାରି ଆସେ ଓ ବଳକା ଅଂଶ ପିଡ଼ିଆ ହିସାବରେ ତଳେ ଜମାହୁଏ । ନିଷ୍କର୍ଷିତ ମଇଳା ତେଲକୁ ଫିଲଟର ସାହାଯ୍ୟରେ ଛଣାଯାଏ ଓ ସେଥିରେ ଥିବା ମଇଳାକୁ ପରିଷ୍କାର କରାଯାଏ । ଆବଶ୍ୟକତା ଅନୁଯାୟୀ ଟିଣ ବା ଡ଼ବାରେ ପ୍ୟାକ୍‌କରି ନିଜର ମୋହର ସହ ବଜାରକୁ ବିକ୍ରି ପାଇଁ ପଠାଯାଇଥାଏ ।

## ଆବଶ୍ୟକ ମେସିନ୍ ଓ ସରଞ୍ଜାମ

- ତେଲ ନିଷ୍କର୍ଷ ଯନ୍ତ୍ର - ୧୬ ପଟି ସହ କେଟଲ
- ୪ ହର୍ଷ କ୍ଷମତା ସମ୍ପନ୍ନ ବିଜୁଳି ମୋଟର
- ବେଲ୍ଟ
- ପୁଲି (ମୋଟର ଚଳାଇବା ନିମନ୍ତେ)
- ଫିଲ୍‌ଟର୍ (ତେଲ ଛଣା ନିମନ୍ତେ)

## କାର୍ଯ୍ୟ ଦିବସ

ଏହି ନିମ୍ବ ତେଲ ଉତ୍ପାଦନ ଉଦ୍ୟୋଗ ବର୍ଷକୁ ହାରାହାରି ୬ ମାସ ପର୍ଯ୍ୟନ୍ତ ଚାଲିପାରେ ।

## ଉତ୍ପାଦିତ ସାମଗ୍ରୀ

ସାବୁନ, ଜୈବ କୀଟନାଶକ, ନିମ୍ବ ତେଲ, ଜଡ଼ିବୁଟି ଔଷଧ, ନିମ୍ବ ପିଡ଼ିଆ ।

## ବିକ୍ରି

ନିମ୍ବତେଲ ସାଧାରଣତଃ ମଧ୍ୟପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର ଇତ୍ୟାଦି ରାଜ୍ୟରେ ବିକ୍ରି କରାଯାଉଛି ।

## ବିଜୁଳି ଶକ୍ତି

ଏହି ଉଦ୍ୟୋଗ ଚଳାଇବା ପାଇଁ ବିଜୁଳିର ଏକାନ୍ତ ଆବଶ୍ୟକ ।

## ପୁଞ୍ଜି ବିନିଯୋଗ

ଏହି ଶିଳ୍ପ ଚଳାଇବା ନିମନ୍ତେ ଉଦ୍ୟୋଗୀମାନଙ୍କୁ



ହାରାହାରି ଟ. ୫୦,୦୦୦/- (ପଚାଶ ହଜାର) ଟଙ୍କା ପର୍ଯ୍ୟନ୍ତ ପୁଞ୍ଜିର ଆବଶ୍ୟକତା ଅଛି । ଯଦି ନିଜେ ପୁଞ୍ଜି ସଂଗ୍ରହ କରିବା ଅସମ୍ଭବ ହୁଏ ତେବେ ନିକଟସ୍ଥ ଜାତୀୟକରଣ ବ୍ୟାଙ୍କର ଶାଖା, ଖଦୀ କମିଶନ, ଖଦୀବୋର୍ଡ, ରାଜ୍ୟ ଅର୍ଥ ନିଗମ ସହ ଋଣ ପାଇଁ ଯୋଜନା କରାଯାଇଛି ।

**ଲାଭାଂଶ**

ଏହି ଶିଳ୍ପର ୩୦%ରୁ ଉର୍ଦ୍ଧ ଲାଭ ହେବାର ସମ୍ଭାବନା ଅଛି ।

୧) **ଶିଳ୍ପ ବସାଇବାର ସ୍ଥାନ**

ପ୍ରାୟତଃ ୧୦୦୦ ବର୍ଗ ଫୁଟ ଜାଗାରେ ଏହି ଶିଳ୍ପ ବସାଇ ଦିଆଯାଉଛି, ଯାହାକି ଉଦ୍ୟୋଗୀ ନିଜ ତରଫରୁ ବ୍ୟବସ୍ଥା କରିପାରିଲେ ଉତ୍ତମ । ଏହି ଘରର ମାସିକ ଭଡା ୧,୦୦୦ ଦେବାକୁ ପଡ଼ିବ ।

| ୨) **କଳକବ୍‌ଜା** | **ସଂଖ୍ୟା/ଦାମ** | **ମୂଲ୍ୟ** |
|---|---|---|
| ତେଲ ନିଷ୍କର୍ଷ ଯନ୍ତ୍ର | ୧ ନଂ | ୯,୦୦୦ |
| ୪ଏଚ୍.ପି. ମୋଟର | ୧ ନଂ | ୨୫,୦୦୦ |
| ବେଲ୍ଟ (୧.୫) | ୧ ନଂ | ୫,୦୦୦ |
| ତେଲ ଛଣା ଫିଲ୍ଟର | ୧ ନଂ | ୧୦,୦୦୦ |
| | ମୋଟ | ୪୯,୦୦୦ |
| ସେଲ୍‌ସ ଟ୍ୟାକ୍ସ | | ୩,୯୨୦ |
| | ମୋଟ | ୫୨,୯୨୦ |
| | ବା | ୫୩,୦୦୦ |

| ୩) **କଞ୍ଚାମାଲ (ମାସିକ)** | |
|---|---|
| ନିମ୍ବମଞ୍ଜି ଟ.୩୫୦ କ୍ୱି.ପ୍ରତି (ଘଣ୍ଟାକୁ ୨୦ କି.ଗ୍ରା ହିସାବରେ) | ୧୪,୦୦୦ |
| ଟିଣ ପ୍ୟାକିଂ ପାଇଁ | ୭,୮୦ |
| ମୋଟ | ୧୪,୭୮୦ |

| ୪) **ଦରମା** | |
|---|---|
| ପରିଚାଳକ ୧ ଜଣ | ୧୮,୦୦୦ |
| ସାହାଯ୍ୟକାରୀ ୧ଜଣ | ୧୨,୦୦୦ |
| ଶ୍ରମିକ ୧ଜଣ | ୧୦,୦୦୦ |
| ମୋଟ | ୪୦,୦୦୦ |

| ୫) ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ, ବିଜୁଳି ଖର୍ଚ୍ଚ ଓ ଅନ୍ୟାନ୍ୟ | ୪,୦୦୦ |
|---|---|

| ୬) **ଅନ୍ୟାନ୍ୟ ଖର୍ଚ୍ଚ (ମାସିକ)** | |
|---|---|
| ସାଧାରଣ ବୀମା | ୨୦୦ |
| ଯନ୍ତ୍ରପାତି ରକ୍ଷଣାବେକ୍ଷଣ | ୩୦୦ |
| ଯାତାୟତ ଇତ୍ୟାଦି | ୫୦୦ |
| ବିକ୍ରି ଖର୍ଚ୍ଚ (ପ୍ରଚାର ଓ ପ୍ରସାର) | ୧,୦୦୦ |
| ଅଫିସ୍ ଖର୍ଚ୍ଚ | ୫୦୦ |
| ମୋଟ | ୨,୫୦୦ |

| ୭) **ମୋଟ୍ ପ୍ରକଳ୍ପ ଖର୍ଚ୍ଚ (ମାସିକ)** | |
|---|---|
| ଯନ୍ତ୍ରପାତି/କଳକବ୍‌ଜା | ୫୩,୦୦୦ |
| ଘରଭଡ଼ା | ୧,୦୦୦ |
| କଞ୍ଚାମାଲ୍ | ୧୪,୭୦୦ |
| ବିଜୁଳି ଓ ଆନୁଷଙ୍ଗିକ | ୪,୦୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | ୨,୫୦୦ |
| ଦରମା ଇତ୍ୟାଦି | ୪,୦୦୦ |
| ମୋଟ | ୭୯,୨୦୦ |

| ୮) **ପୁଞ୍ଜି ବିନିଯୋଗ ପରିମାଣ** | |
|---|---|
| ଉଦ୍ୟୋଗୀର ନିଜ ପାଣ୍ଠିରୁ (୧୦%) | ୭,୯୦୦ |
| ବ୍ୟାଙ୍କ୍ ଋଣ (୯୦%) | ୭୧,୧୦୦ |
| ମୋଟ | ୭୯,୦୦୦ |

| ୯) **ମୋଟ କାର୍ଯ୍ୟକାରୀ ମୂଳଧନ (ମାସିକ)** | |
|---|---|
| କଞ୍ଚାମାଲ | ୧୪,୭୮୦ |
| ଦରମା | ୪,୦୦୦ |
| ବିଜୁଳି | ୪,୦୦୦ |
| ଅନ୍ୟାନ୍ୟ | ୨,୫୦୦ |
| ମୋଟ | ୨୫,୨୮୦ |

| ୧୦) **ବାର୍ଷିକ ଉତ୍ପାଦନ ଖର୍ଚ୍ଚ :** | |
|---|---|
| ମୋଟ କାର୍ଯ୍ୟକାରୀ ପୁଞ୍ଜି (ମାସିକ ୨୫,୦୦୦) | ୩,୦୦,୦୦୦ |
| ଯନ୍ତ୍ରପାତିର କ୍ଷତି (୨୦%) | ୧୦,୬୦୦ |
| ବ୍ୟାଙ୍କ ଋଣର ସୁଧ (୧୫%) | ୧୦,୬୬୫ |
| ମୋଟ ଖର୍ଚ୍ଚ | ୩,୨୧,୨୬୫ |

୧୧) **ବାର୍ଷିକ ଲାଭ କ୍ଷତି :**

ବାର୍ଷିକ ହାରାହାରି ୪୮ କ୍ୱିଣ୍ଟାଲ ନିମ୍ବ ତେଲ ଉତ୍ପାଦନ କରାଯାଇପାରିବ ।

| | |
|---|---|
| ◆ ନିମ୍ବ ତେଲ କି.ଗ୍ରା.ର ମୂଲ୍ୟ ୫୦.୦୦ ହିସାବରେ (୪୮ କ୍ୱିଣ୍ଟାଲ) | ୨,୪୦,୦୦୦ |
| ◆ ନିମ୍ବ ପିଡ଼ିଆର ଦାମ୍ ୫.୦୦ ୪୮୦୦ | ୨,୪୦,୦୦୦ |
| ମୋଟ ବିକ୍ରିମୂଲ୍ୟ | ୪,୮୦,୦୦୦ |
| ବାର୍ଷିକ ଲାଭ | ୧,୫୯,୦୦୦ |
| ସମସ୍ତ ଦେୟ ବାଦ୍ ମାସିକ ଲାଭ | ୧୩,୨୫୦ |

| ମାସିକ ଦେୟ | |
|---|---|
| ବ୍ୟାଙ୍କ୍ ସୁଧ | ୮୯୦ |
| ସେଲ୍‌ସ ଟ୍ୟାକ୍ସ | ୨,୦୦୦ |
| ଅନ୍ୟାନ୍ୟ | ୧,୫୦୦ |
| ମୋଟ | ୩,୩୯୦ |
| ନିଟ୍ ଲାଭ (ମାସିକ) | ୯,୮୬୦ |

**ବିକ୍ରି କରିବାର ସ୍ଥାନ :**

- ରାସାୟନିକ ସାର ଦୋକାନ
- ଦୈନିକ ବଡ଼ ବଜାର/ହାଟ
- ସରକାରୀ କୃଷି କିମ୍ବା ଉଦ୍ୟାନ ବିଭାଗ ଫାର୍ମ
- ଖଦୀ ଓ ଗ୍ରାମୋଦ୍ୟୋଗ ସଂସ୍ଥାର ଶୋରୁମ୍
- ସାବୁନ୍ ତିଆରି କାରଖାନା
- ଜଡ଼ିବୁଟିରୁ ପ୍ରସ୍ତୁତ ଔଷଧ ତିଆର କାରଖାନା
- ଜୈବିକ ସାର ତିଆରି କାରଖାନା

୧୩) **ମେସିନ୍ ମିଳିବାର ସ୍ଥାନ :**

ପବନ୍ କୁମାର ଜିନ୍ଦଲ,
ତାରିଣୀ ମିଲ୍ ଷ୍ଟୋର୍
ହନୁମାନ ଲକ୍ ମେନ୍‌ରୋଡ
କଣ୍ଟାବାଞ୍ଜୀ - ୭୬୭୦୩୯
ଦୂରଭାଷା -୬୬୫୭-୨୧୨୦୨/୨୦୨୩୭

୧୪) **ପୁଞ୍ଜି ମିଳିବାର ସ୍ଥାନ**

ଜଣେ ଆଗ୍ରହୀ ଉଦ୍ୟୋଗୀ ନିମ୍ବ ତେଲ ଉଦ୍ୟୋଗୀ ପ୍ରତିଷ୍ଠା କରିବାକୁ ହେଲେ ନିମ୍ନ ସଂସ୍ଥା ସହ ସଂପର୍କ କରାଯାଇପାରେ ।

- ସ୍ଥାନୀୟ ଜାତୀୟକରଣ ବ୍ୟାଙ୍କର ଶାଖା
- ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ଜିଲ୍ଲା ଶାଖା
- ହରିଜନ ଓ ଆଦିବାସୀ ଅର୍ଥ ଲଗାଣ ନିଗମର ଜିଲ୍ଲା ଶାଖା (ହରିଜନ ଓ ଆଦିବାସୀଙ୍କ ପାଇଁ)
- ରାଜ୍ୟ ଅର୍ଥ ନିଗମର ଜିଲ୍ଲା କିମ୍ବା ଆଞ୍ଚଳିକ ଶାଖା

ଆପଣ ଯଦି ଏହି ଶିଳ୍ପ ବସାଇବାକୁ ଚାହୁଁଛନ୍ତି, ତେବେ ବଜାର ସୃଷ୍ଟି , ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି, ଯନ୍ତ୍ରପାତି ଯୋଗାଣ, ଉତ୍ପାଦନ ତଥା ଅନ୍ୟାନ୍ୟ ବୈଷୟିକ ବିବରଣୀ ନିମନ୍ତେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।

ଉଦ୍ୟୋଗ ବିକାଶ
ମାର୍ଫତ୍ - ସଂଯୋଗ
ରୋଡ୍ ନଂ-୨, କଣ୍ଟାବାଞ୍ଜି - ୭୬୭୦୩୯, ବଲାଙ୍ଗୀର
ଦୂରଭାଷା - ୦୬୬୫୭ - ୨୧୪୪୨
ଇ ମେଲ୍ -srj_kbj@rdiffmail.com
ପ୍ରସ୍ତୁତି : କମଳେଶ ମହାନ୍ତି

❖